# India-Australia-Japan-United States Senior Officials Consultations

September 25, 2020

---

## ଭାରତ-ଅଷ୍ଟ୍ରେଲିଆ-ଜାପାନ-ଯୁକ୍ତରାଷ୍ଟ୍ର ଆମେରିକାର ବରିଷ୍ଠ ଅଧିକାରୀସ୍ତରୀୟ ପରାମର୍ଶ

ସେପ୍ଟେମ୍ବର 25, 2020

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ଓ ବାଣିଜ୍ୟ ବିଭାଗ, ଜାପାନର ବୈଦେଶିକ ମନ୍ତ୍ରଣାଳୟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ବିଭାଗର ବରିଷ୍ଠ ଅଧିକାରୀମାନେ 25 ସେପ୍ଟେମ୍ବର 2020 ରେ ଏକ ଭିଡିଓ ସମ୍ମିଳନୀ ଜରିଆରେ ବିଭିନ୍ନ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ବିଷୟଗୁଡ଼ିକ ଉପରେ ଆପୋଷ ପରାମର୍ଶ କରିଥିଲେ।

ନଭେମ୍ବର 2019ରେ ହୋଇଥିବା ଅଧିକାରୀସ୍ତରୀୟ ଆଲୋଚନା ଏବଂ ସେପ୍ଟେମ୍ବର 2019ରେ ହୋଇଥିବା ମନ୍ତ୍ରୀସ୍ତରୀୟ ବୈଠକକୁ ଆଧାର କରି ଅଧିକାରୀମାନେ ସଂଯୋଗିକରଣ, ଭିତ୍ତିଭୂମି ବିକାଶ ତଥା ଆତଙ୍କବାଦ ବିରୋଧୀ ପଦକ୍ଷେପ ଓ ସାଇବର ତଥା ସାମୁଦ୍ରିକ ସୁରକ୍ଷା ସମେତ ବିଭିନ୍ନ ସୁରକ୍ଷା ପ୍ରସଙ୍ଗରେ ଚାଲିଥିବା ଓ ପ୍ରସ୍ତାବିତ ବ୍ୟବହାରିକ ସହଯୋଗ ଉପରେ ମତ ବିନିମୟ କରିଥିଲେ। ଏହି ଆଲୋଚନାର ଉଦ୍ଦେଶ୍ୟ ଥିଲା ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଶାନ୍ତି, ନିରାପତ୍ତା, ସ୍ଥିରତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା।

ବିଶ୍ୱ ମହାମାରୀ କୋଭିଡ-19 ପରିପ୍ରେକ୍ଷୀରେ, ଅଧିକାରୀମାନେ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ମହାମାରୀର ମୁକାବିଲା ପାଇଁ ସର୍ବୋତ୍ତମ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ।

ଅଂଶୀଦାର ମୂଲ୍ୟ ଏବଂ ନୀତି ତଥା ଆନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନକୁ ଆଧାର କରି ଏକ ମୁକ୍ତ, ଖୋଲା, ସମୃଦ୍ଧ ତଥା ଅନ୍ତର୍ଭୁକ୍ତ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ପାଇଁ ଅଧିକାରୀମାନେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଇଣ୍ଡୋ-ପାସିଫିକ୍ ଆଞ୍ଚଳିକ ସ୍ଥାପତ୍ୟରେ ଆସିଆନ-କେନ୍ଦ୍ରୀୟତା ଏବଂ ଆସିଆନ-ନେତୃତ୍ୱାଧୀନ ବ୍ୟବସ୍ଥା ବିଶେଷ କରି ନେତାଙ୍କ ନେତୃତ୍ୱାଧୀନ ପୂର୍ବ-ଏସିଆ ସମ୍ମିଳନୀ ପାଇଁ ଅଧିକାରୀମାନେ ସେମାନଙ୍କର ଦୃଢ ସମର୍ଥନକ ଦୋହରାଇଛନ୍ତି, ଏବଂ ଏକ ସାଧାରଣ ଓ ପ୍ରତିଶ୍ରୁତିମୂଳକ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ପରିକଳ୍ପନା ପାଇଁ ଆସିଆନ ଓ ଅନ୍ୟାନ୍ୟ ଦେଶ ସହିତ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ଭିଏତନାମର ଆସିଆନ ଅଧକ୍ଷତାକୁ ପ୍ରଶଂସା କରିଥିଲେ ଏବଂ ଚଳିତ ବର୍ଷ ନଭେମ୍ବରରେ ହେବାକୁ ଥିବା 15ତମ ପୂର୍ବ-ଏସିଆ ଶିଖର ସମ୍ମିଳନୀ ତଥା ଚଳିତ ବର୍ଷ ଶେଷକୁ ମନ୍ତ୍ରୀସ୍ତରୀୟ ପରାମର୍ଶକୁ ଅପେକ୍ଷାରତ ବୋଲି କହିଥିଲେ।

**ନୂଆ ଦିଲ୍ଲୀ**
**ସେପ୍ଟେମ୍ବର 25, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.